# NATIONAL NEWS BULLETIN (ODIA)

## 1 November - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଛତିଶଗଡ ରାଜ୍ୟ ପ୍ରତିଷ୍ଠାର ୨୫ ବର୍ଷ ପୂର୍ତ୍ତି ଅବସରରେ ଆଜି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ଅଧୀନରେ ୩ଟି ଗିନିଜ୍ ବିଶ୍ୱ ରେକର୍ଡ ଟାଇଟଲ ହାସଲ କଲା ଭାରତ ।
- ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାର ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଦେଶବାସୀଙ୍କ କ୍ରୟ କ୍ଷମତା ବୃଦ୍ଧି କରିଥିବା ସୂଚନା ।
- ଭାରତ-ବ୍ରିଟେନ ସମ୍ପର୍କ ଏକ ଗତିଶୀଳ ଏବଂ ଭବିଷ୍ୟତମୁଖୀ ସହଭାଗିତାରେ ପରିଣତ ହୋଇଛି - କହିଲେ ବୈଦେଶିକ ମନ୍ତ୍ରୀ ।

ଏବଂ

- ଜାମାଇକାରେ ମେଲିସା ଘୂର୍ଣ୍ଣିବାତ୍ୟାରେ ୧୯ ମୃତ ।

# ପିଏମ୍ ଛତିଶଗଡ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଛତିଶଗଡ ଗସ୍ତ କରି ରାଜ୍ୟ ପ୍ରତିଷ୍ଠାର ୨୫ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବେ । ସେଠାରେ ପ୍ରାୟ ୧୪ହଜାର ୨୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶ୍ରୀ ମୋଦୀ ଶୁଭାରମ୍ଭ କରିବେ । ଗସ୍ତର ପ୍ରଥମ କାର୍ଯ୍ୟକ୍ରମରେ ଦିଲ୍ କି ବାତ୍ ପ୍ରୟାସର ଅଂଶସ୍ୱରୂପ ନବ ରାୟପୁର ଅଟଳ ନଗରର ଶ୍ରୀ ସତ୍ୟସାଇ ସଂଜୀବନୀ ହସ୍ପିଟାଲରେ ଗିଫ୍ଟ ଅଫ୍ ଲାଇଫ୍ କାର୍ଯ୍ୟକ୍ରମ ଅଧୀନରେ ଜନ୍ମଗତ ହୃଦ୍‌ରୋଗର ସଫଳ ଚିକିତ୍ସା ଲାଭ କରିଥିବା ୨ହଜାର ୫୦୦ ପିଲାଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିବେ । ପରେ ବ୍ରହ୍ମାକୁମାରୀଙ୍କ ଆଧ୍ୟାତ୍ମିକ ଶିକ୍ଷା, ଶାନ୍ତି ଏବଂ ଧ୍ୟାନ ପାଇଁ ଏକ ଆଧୁନିକ କେନ୍ଦ୍ର ଶାନ୍ତି ଶିଖରକୁ ଶ୍ରୀ ମୋଦୀ ଉଦ୍‌ଘାଟନ କରିବେ । ରାୟପୁର ଅଟଳ ନଗରରେ ଛତିଶଗଡ ବିଧାନସଭାର ନୂତନ କୋଠାରେ ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜ୍‌ପେୟୀଙ୍କ ପ୍ରତିମୂର୍ତ୍ତି ସହ ନୂଆ ବିଧାନସଭା କୋଠା ମଧ୍ୟ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ । ଏହି ଅବସରରେ ଏକ ଜନ ସମାବେଶକୁ ସେ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

ଅପରାହ୍ଣରେ ପ୍ରଧାନମନ୍ତ୍ରୀ ସହିଦ ବୀର୍ ନାରାୟଣ ସିଂହ ସ୍ମାରକୀ ଏବଂ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟର ଉଦ୍‌ଘାଟନ କରିବେ । ସେଠାରେ ଶ୍ରୀ ମୋଦୀ ସଂଗ୍ରହାଳୟ ପୋର୍ଟାଲ ଓ ଇ-ବୁକ୍ ଉନ୍ମୋଚନ କରିବା ସହ ସହିଦ ବୀର ନାରାୟଣ ସିଂହଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି । ଛତିଶଗଡର ରଜତ ଜୟନ୍ତୀ ମହୋତ୍ସବରେ ଯୋଗଦେଇ ଶ୍ରୀ ମୋଦୀ

ରାସ୍ତା, ଶିଳ୍ପ, ସ୍ୱାସ୍ଥ୍ୟସେବା ଓ ଶକ୍ତି ସମେତ ବହୁବିଧ ବିକାଶମୂଳକ ପ୍ରକଳ୍ପ ଗୁଡ଼ିକର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଲାଗି ଶ୍ରୀ ମୋଦୀ ୯ଟି ଜିଲ୍ଲାରେ ୧୨ଟି ନୂଆ ଷ୍ଟାର୍ଟଅପ୍ ଗ୍ରାମ ଉଦ୍ୟୋଗୀ ବ୍ଲକ ଉଦ୍‌ଘାଟନ କରିବା ସହ ୩ଲକ୍ଷ ୫୧ହଜାର ଗୃହପ୍ରବେଶର ଶୁଭ ଉଦ୍‌ଘାଟନ କରିବେ । ଏହି ଗ୍ରାମୀଣ ଆବାସ ଯୋଜନା ଅଧୀନରେ ୩ଲକ୍ଷ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ୧୨ଶହ କୋଟି ଟଙ୍କାର କିସ୍ତୀ ପ୍ରଦାନ କରିବେ । ଏହାଛଡା ଆନ୍ତ ଆଞ୍ଚଳିକ ପ୍ରକଳ୍ପ ସମେତ ନୂଆ ପେଟ୍ରୋଲିୟମ ତୈଳ ଡିପୋ ଏବଂ ୪ଶହ ଅଣାନବେ କିଲୋମିଟର ବିଶିଷ୍ଟ ନାଗପୁର-ଝାରସୁଗୁଡା ପ୍ରାକୃତିକ ଗ୍ୟାସ୍ ପାଇପ୍‌ଲାଇନକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ପ୍ରଧାନମନ୍ତ୍ରୀ ଏକ ଔଷଧ ପାର୍କ ସହ ୫ଟି ନୂଆ ସରକାରୀ ମେଡ଼ିକାଲ କଲେଜ ଏବଂ ଆର୍ୟୁବେଦ କଲେଜର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି ।

## ଇଣ୍ଡିଆ ହେଲ୍‌ଥ କେୟାର ରେକର୍ଡ

ଭାରତ 'ସ୍ୱସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନ ଅଧୀନରେ ତିନୋଟି ଗିନିସ୍ ବିଶ୍ୱ ରେକର୍ଡ ଟାଇଟଲ୍ ହାସଲ କରିଛି । ସେହି ୩ଟି ବିଶ୍ୱ ରେକର୍ଡ ହେଉଛି ଗୋଟିଏ ମାସରେ ସ୍ୱାସ୍ଥ୍ୟସେବା ପ୍ଲାଟଫର୍ମ ପାଇଁ ସର୍ବାଧିକ ୩ କୋଟି ୨୧ ଲକ୍ଷରୁ ଅଧିକ ପଞ୍ଜିକରଣ ଗୋଟିଏ ସପ୍ତାହରେ ସର୍ବାଧିକ ୯ ଲକ୍ଷ ୯୪ ହଜାରରୁ ଅଧିକ ମହିଳା ଅନଲାଇନରେ ସ୍ତନ କର୍କଟ ପରୀକ୍ଷଣ ପାଇଁ ସାଇନ୍ ଅପ୍ କରିବା ଓ ରାଜ୍ୟ ସ୍ତରରେ ଗୋଟିଏ ସପ୍ତାହରେ ୧ ଲକ୍ଷ ୨୫ ହଜାର ଲୋକ ଅନଲାଇନରେ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ପରୀକ୍ଷଣ ପାଇଁ ସାଇନ୍ ଅପ୍ କରିବା । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ୨୦ରୁ ଅଧିକ ମନ୍ତ୍ରଣାଳୟ ଏହି

ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ କେନ୍ଦ୍ର ସରକାରୀ ପ୍ରତିଷ୍ଠାନ, ମେଡିକାଲ କଲେଜ ଏବଂ ଘରୋଇ ସଂଗଠନ ସାମିଲ ଥିଲେ। ସମ୍ପୂର୍ଣ୍ଣ ସାମାଜିକ ପଦ୍ଧତି ଅନୁସରଣ କରି, ଗତ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ହୋଇଥିବା ଏହି ଅଭିଯାନରେ ଅଭୂତପୂର୍ବ ସାମୁଦାୟିକ ଅଂଶଗ୍ରହଣ ଦେଖିବାକୁ ମିଳିଛି। ୫ ଲକ୍ଷରୁ ଅଧିକ ପଞ୍ଚାୟତିରାଜ ପ୍ରତିନିଧି, ୧ କୋଟି ୧୪ ଲକ୍ଷ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀ, ୯୪ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ୫ ଲକ୍ଷ ଅନ୍ୟ ସାମୁଦାୟିକ ମଞ୍ଚର ସଦସ୍ୟ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ।

## ଏନ୍‌ସିବିସି କେରଳ

ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହିର କହିଛନ୍ତି ଧର୍ମ ଆଧାରରେ ଓବିସି ସଂରକ୍ଷଣ ପ୍ରଦାନ କରୁଥିବା ଅଭିଯୋଗ ଉପରେ କେରଳ ସରକାରଙ୍କୁ ୧୫ ଦିନ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି କେରଳ ସରକାର ରାଜନୈତିକ ଲାଭ ପାଇଁ କିଛି ଧାର୍ମିକ ସମ୍ପ୍ରଦାୟକୁ ସଂରକ୍ଷଣ ପ୍ରଦାନ କରୁଛନ୍ତି, ଯାହା ଏକ ନିରପେକ୍ଷ ସଂରକ୍ଷଣ ନୀତିକୁ ଉଲ୍ଲଂଘନ କରୁଛି। ସେ ଆହୁରି କହିଛନ୍ତି ଯେ ସଂରକ୍ଷଣ ଲାଭ କେବଳ ପ୍ରକୃତ ପଛୁଆ ସମ୍ପ୍ରଦାୟ ପାଖରେ ପହଞ୍ଚିବା ନିଶ୍ଚିତ କରିବା ପାଇଁ କମିଶନର ଲକ୍ଷ୍ୟ ରହିଛି। ସେ କହିଛନ୍ତି ଯେ କମିଶନ କେରଳ ସରକାରଙ୍କଠାରୁ ଏ ସମ୍ପର୍କରେ ଏକ ଲିଖିତ ସ୍ପଷ୍ଟୀକରଣ ଦେବାଲାଗି ନିର୍ଦ୍ଦେଶ ଦେଇଛନ୍ତି ।

# ଜିଏସ୍‌ଟି-ଇଲେକ୍ଟ୍ରୋନିକ୍ସ

ଗତ ସେପ୍ଟେମ୍ବର ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ GST ସଞ୍ଚୟ ଉତ୍ସବ ଆରମ୍ଭ କରିବା ପରେ ଦେଶବାସୀ ବିଭିନ୍ନ କ୍ଷେତ୍ରରେ ଲାଭ ପାଇବା ସହ ସାଧାରଣ ନାଗରିକଙ୍କ କ୍ରୟ କ୍ଷମତା ବୃଦ୍ଧି ପାଇଛି । ଆସନ୍ତୁ ଜାଣିବା ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାର ଲାଗୁ ହେବା ପରେ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଦେଶବାସୀଙ୍କୁ କିଭଳି ଲାଭ ମିଳିପାରିଛି ।

ପରବର୍ତ୍ତୀ ପିଢ଼ିର GST ସଂସ୍କାରଗୁଡ଼ିକ ଟିକସ ବୋଝ ହ୍ରାସ କରି ଏବଂ ପ୍ରମୁଖ ଉପକରଣଗୁଡ଼ିକୁ ଅଧିକ ସୁଲଭ କରି ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ରକୁ ଆଶ୍ୱସ୍ତି ପ୍ରଦାନ କରିଛି। ଟେଲିଭିଜନ ମନିଟର ଏବଂ ପ୍ରୋଜେକ୍ଟର ଉପରେ GST ୨୮ ପ୍ରତିଶତ ବଦଳରେ ୧୮ ପ୍ରତିଶତ ଲାଗୁ ହେଉଛି । ସେହିପରି ଏୟାର-କଣ୍ଡିସନର ଏବଂ ଡିସୱାସର ଉପରେ ଟିକସ ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି, ଯାହା ଦ୍ୱାରା ଘରୋଇ ଇଲେକ୍‌ଟ୍ରୋନିକ୍ସ ଅଧିକ ନାଗରିକଙ୍କ ପାଇଁ ସୁଲଭ ହୋଇଛି। ଏହାବ୍ୟତୀତ, ନବୀକରଣୀୟ-ଶକ୍ତି ଉପକରଣ ଯେପରିକି ସୌର ପ୍ୟାନେଲ ଏବଂ କମ୍ପୋଷ୍ଟିଂ ମେସିନ୍ ଯାହା ଉପରେ ପୂର୍ବରୁ ୧୨ ପ୍ରତିଶତ GST ଲାଗୁ ହେଉଥିଲା ତାହା ଏବେ ୫ ପ୍ରତିଶତ ଟିକସ ସ୍ଲାବ ଅଧୀନରେ ରହିଛି ।

ନୂଆଦିଲ୍ଲୀର ଜଣେ ଇଲେକ୍‌ଟ୍ରୋନିକ୍ସ ଡିଲର ପଙ୍କଜ ପାଣ୍ଡେ କହିଛନ୍ତି ଯେ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଉପରେ GST ହ୍ରାସ ଯୋଗୁଁ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀର ବିକ୍ରୟ ବୃଦ୍ଧି ପାଇଛି, କାରଣ ବର୍ତ୍ତମାନ ଗ୍ରାହକମାନେ ଏହି ସାମଗ୍ରୀ ଉପରେ ତିନିରୁ ଚାରି ହଜାର ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରୁଛନ୍ତି।

**V/O (Pankaj Pandy)**

# ଜୟଶଙ୍କର-ୟୁକେ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର କହିଛନ୍ତି ଯେ ଭାରତ-ବ୍ରିଟେନ ସମ୍ପର୍କ ଏକ ଜଟିଳ ଐତିହାସିକ ସମ୍ପର୍କରୁ ଏକ ଗତିଶୀଳ ଏବଂ ଭବିଷ୍ୟତମୁଖୀ ସହଭାଗୀତାରେ ପରିଣତ ହୋଇଛି। ଦିଲ୍ଲୀରେ ବ୍ରିଟେନ୍‌ର ରାଷ୍ଟ୍ରୀୟ ଦିବସ ପାଳନ ଅବସରରେ ଡକ୍ଟର ଜୟଶଙ୍କର କହିଛନ୍ତି ଉଭୟ ଦେଶ କେବଳ ପ୍ରଯୁକ୍ତିବିଦ୍ୟା ସୁରକ୍ଷା ପଦକ୍ଷେପ ଅଧୀନରେ ସହଯୋଗକୁ ବୃଦ୍ଧି କରିନାହାଁନ୍ତି, ବରଂ ସଂଯୋଗୀକରଣ, ଏଆଇ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ଏହାକୁ ସୁଦୃଢ଼ କରିଛନ୍ତି। ସେ କହିଛନ୍ତି ୯ଟି ପ୍ରମୁଖ ବ୍ରିଟେନ ବିଶ୍ୱବିଦ୍ୟାଳୟ ଭାରତରେ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ଅନୁମୋଦନ ପାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସାଉଥାମ୍ପଟନ୍ ବିଶ୍ୱବିଦ୍ୟାଳୟ ଗୁରୁଗ୍ରାମରେ ଏହାର କ୍ୟାମ୍ପସ ଉଦ୍‌ଘାଟନ କରିସାରିଛି ଏବଂ ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀ ଶିକ୍ଷାରମ୍ଭ କରିଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି ଯେ ବ୍ରିଟେନରେ ୧ ଦଶମିକ ୯ ନିୟୁତ ଭାରତୀୟ ପ୍ରବାସୀଙ୍କ ଅମୂଲ୍ୟ ଅବଦାନକୁ ସ୍ୱୀକୃତି ଦେବାର ଅବସର ସୃଷ୍ଟି ହୋଇଛି।

# ହୁରିକାନ-ମାଲେସିଆ

ଜାମାଇକାରେ ମେଲିସା ଘୂର୍ଣ୍ଣିବାତ୍ୟାରେ ୧୯ ଜଣଙ୍କର ମୃତ୍ୟୁ ହୋଇଛି। ଜାମାଇକା ସୂଚନା ମନ୍ତ୍ରୀ ଡାନା ମୋରିସ୍ ଡିକ୍ସନ କହିଛନ୍ତି, ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ କର୍ତ୍ତୃପକ୍ଷମାନେ କ୍ଷତିଗ୍ରସ୍ତ ଅଞ୍ଚଳଗୁଡ଼ିକୁ ସାହାଯ୍ୟ ପହଞ୍ଚାଇବାକୁ ଚେଷ୍ଟା କରୁଛନ୍ତି। ଡିକ୍ସନ କହିଛନ୍ତି ଯେ ପଶ୍ଚିମାଞ୍ଚଳରେ ଦ୍ୱୀପର ଅଧିକାଂଶ ସ୍ଥାନରେ ବିଦ୍ୟୁତ୍ ସଂଯୋଗ ନାହିଁ ଏବଂ ଲୋକମାନେ ବନ୍ୟା ପାଣି ଓ କାଦୁଅରୁ କ୍ଷତିଗ୍ରସ୍ତ ଘର ଏବଂ ଜିନିଷପତ୍ର ଉଦ୍ଧାର କରିବାକୁ ଚେଷ୍ଟା କରୁଥିବାରୁ, ହଜାର ହଜାର ଲୋକ ସାହାଯ୍ୟ ଅପେକ୍ଷାରେ ରହିଛନ୍ତି। ଦେଶର

ଅନେକ ଭାଗରେ ଉତ୍କଟ ଜଳ ଓ ଖାଦ୍ୟ ସଙ୍କଟ ବୃଦ୍ଧି ପାଉଛି। ଜାମାଇକା ରାଜଧାନୀ କିଙ୍ଗଷ୍ଟନର ମୁଖ୍ୟ ବିମାନବନ୍ଦର ସହିତ ଯୋଗାଯୋଗ କରି ଆବଶ୍ୟକ ମାନବିକ ସହାୟତା ପଠାଯାଉଛି।

ସେଠାକାର ଅଧିକାରୀମାନେ କହିଛନ୍ତି ଯେ କାରିବିଆନରେ ତାଣ୍ଡବ ସୃଷ୍ଟି କରିଥିବା ଏହି ସାମୁଦ୍ରିକ ଝଡ ପ୍ରଭାବରେ ହାଇତିରେ ଅତି କମରେ ୩୦ ଜଣଙ୍କର ମୃତ୍ୟୁ ହୋଇଛି। ହାଇତିରେ ପ୍ରାୟ ୧୫ ହଜାର ଲୋକ ୧୨୦ରୁ ଅଧିକ ଆଶ୍ରୟସ୍ଥଳରେ ରହୁଛନ୍ତି। ମେଲିସା ମଙ୍ଗଳବାର ଜାମାଇକାରେ ପଞ୍ଚମ ବର୍ଗର ଝଡ଼ ଭାବରେ ସ୍ଥଳଭାଗ ଛୁଇଁଥିଲା ଓ ଘଂଟାପ୍ରତି ୨୯୫ କିଲୋମିଟର ବେଗରେ ପବନ ବହିଥିଲା।